# ଆଦିବାସୀ ମେଳାରେ ବିଦେଶୀ ପର୍ଯ୍ୟଟକଙ୍କ ଭିଡ : ଜନଜାତି ଖାଦ୍ୟର ସ୍ୱାଦ ପରଖିଲେ ବିଦେଶୀ
## ଦ୍ୱାଦଶ ସଂଧ୍ୟାରେ ୪୫ଲକ୍ଷ ଟଙ୍କାର ଅଧିକ କାରବାର

ୁବନେଶ୍ୱର, ୭/୨– ଆଦିବାସୀମେଳା ଏବେ ସାଜିଛି ବିଦେଶୀ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ । ପତ୍ୟେହ ଶତାଧିକ ଦେଶୀ ପର୍ଯ୍ୟଟକ ଆଦିବାସୀମେଳା ଦେଖିବାକୁ ଆସିବା ସହିତ ବିଭିନ୍ନ ପ୍ରକାର ସାମଗ୍ରୀ ଖରିଦ କରୁଛନ୍ତି । ମେଳାର ଦ୍ୱାଦଶ ଂଧ୍ୟାରେ ପୋଲାଣ୍ଡ, ଆର୍ଜେଟିନା, ଋଷିଆ, ଜାପାନ୍, ଇଣ୍ଡୋନେସିଆ ଭଳି ବିଭିନ୍ନ ଦେଶରୁ ଅନ୍ୟୁନ ୭୦ ଜଣ ବିଦେଶୀ ର୍ଯ୍ୟଟକ ମେଳା ବୁଲି ଦେଖିବା ସହ ଆଦିବାସୀ ମେଳାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ଏହି ର୍ଯ୍ୟଟକମାନେ ଜାତୀୟ ଜନଜାତି ଖାଦ୍ୟ ଷ୍ଟଲରୁ ଖାଇବା ସହ ପ୍ରଂଶସା ବି କରିଥିଲେ । ମେଳାର ଦ୍ୱାଦଶ ସଂଧ୍ୟାରେ ପ୍ରାୟ ୫ହଜାର ପର୍ଯ୍ୟଟକ ବୁଲି ଆସିଥିବାବେଳେ ୪୫ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ବ୍ୟବସାୟ ହୋଇଛି । ମେଳାକୁ ଆସିଥିବା ର୍ଶକମାନେ ଜାତୀୟ ଜନଜାତି ଖାଦ୍ୟ ମେଳାରେ ବିଭିନ୍ନ ଖାଦ୍ୟର ସ୍ୱାଦ ଚାଖିବା ସହିତ ମେଳା ପରିସରରେ ଜନଜାତି ଦର୍ଶନୀ ମଣ୍ଡପରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତିକୁ ସିଧାସଳଖ ଦେଖିଥିଲେ । ସେହିଭଳି ଦ୍ୱାଦଶ ସଂଧ୍ୟାରେ କରଞ୍ଜିଆର ବା' ରବ ନୃତ୍ୟ, ଗୋନାସିକାର ପିଲାଙ୍କ ନୃତ୍ୟ, ଫୁଲବାଣୀର ସିଂହ ନୃତ୍ୟ, ରାୟଗଡ଼ାର ଛାତ୍ରଛାତ୍ରୀଙ୍କ ନୃତ୍ୟ, ଆଇ.ଟି.ଡି.ଏ ଦରଗଡ଼ର ଆଦିବାସୀ ନୃତ୍ୟ, ବର୍ସାମୁଣ୍ଡା ସାଂସ୍କୃତିକ ପରିଷଦର  ପିଲାଙ୍କ ନୃତ୍ୟ ଓ ଉତ୍କଳ ବିଶ୍ୱ ବିଦ୍ୟାଳୟର ଆଦିବାସୀ ଲାମାନଙ୍କ ପାରଂପରିକ ସାନ୍ତାଳୀ ନୃତ୍ୟ ମେଳାର ସନ୍ଧ୍ୟାକୁ ବେଶ୍ ଆଲୋକିତ କରିଥିଲା । ମେଳାକୁ ଆସିଥିବା ଦର୍ଶକମାନେ ଦ୍ୟ ଓ ନୃତ୍ୟ ସହିତ ଆଦିବାସୀ ହାଟରୁ ବିଭିନ୍ନ ପ୍ରକାର ସାମଗ୍ରୀ ଖରିଦ କରିଥିଲେ । ତେବେ କୋହଲା ପାଗ ସତ୍ୱେ ମଳାକୁ ଏତେ ସଂଖ୍ୟାରେ ଦର୍ଶକ ଆସିବା ଓ କାରବାର ହେବା ବେଶ୍ ଉଲ୍ଲେଖନୀୟ ବୋଲି ମେଳା ଦାୟିତ୍ୱରେ ଥିବା ଜ୍ୟ ଜାତି ଓ ଜନଜାତି ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଅଖିଳ ବିହାରୀ ଓତା ସୂଚନା ଦେଇଛନ୍ତି ।

---